## କେନ୍ଦୁଝର : ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ :

## ସଚେତନତା, ପ୍ରାକ୍ ପ୍ରସ୍ତୁତି ଓ ଗୋଷ୍ଠୀ ସଶକ୍ତିକରଣ ବଳରେ ହିଁ ବିପର୍ଯ୍ୟୟର ସଫଳ ମୁକାବିଲା ସମ୍ଭବ

କେନ୍ଦୁଝର, ତା୨୯.୧୦: କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଚଳିତ ଅକ୍ଟୋବର ୨୯ ତାରିଖ ଶୁକ୍ରବାର ଦିନ ଜିଲ୍ଲା ପ୍ରଶାସନ ତରଫରୁ ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ କୋଭିଡ ଗାଇଡଲାଇନ୍ ଅନୁଯାୟୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଦରବାର ହଲ୍‌ଠାରେ ଆୟୋଜିତ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସନ୍ତୋଷ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍ ଉଦ୍‌ବୋଧନ ଦେଇ ସଚେତନତା, ପ୍ରାକ୍ ପ୍ରସ୍ତୁତି ଓ ଗୋଷ୍ଠୀ ସଶକ୍ତିକରଣ ବଳରେ ହେଁ ବିପର୍ଯ୍ୟୟର ସଫଳ ମୁକାବିଲା ସମ୍ଭବ ବୋଲି କହିଥିଲେ । ପ୍ରାକୃତିକ ବିପର୍ଯ୍ୟୟକୁ ରୋକି ହେବ ନାହିଁ ସତ କିନ୍ତୁ ସଚେତନତା ଏବଂ ପ୍ରାକ୍ ପ୍ରସ୍ତୁତି ବଳରେ ପ୍ରଶମନ କରାଯାଇପାରିବ । ଏଣୁ ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରାଇବାକୁ ଆହ୍ୱାନ ଜଣାଇଥିଲେ । ପ୍ରାକୃତିକ ବିପର୍ଯ୍ୟୟର ତାଣ୍ଡବଲୀଳାକୁ ପ୍ରତିହତ କରିବା ପାଇଁ ବୈଜ୍ଞାନିକ ଜ୍ଞାନକୌଶଳର ଉପଯୋଗ ଓ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି ବୋଲି କହିଥିଲେ । ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନର ଆବଶ୍ୟକତା ଓ ଗୁରୁତ୍ୱ ସବୁବେଳେ ରହଛି । ଆମ ରାଜ୍ୟ ପ୍ରତିବର୍ଷ କିଛିନା କିଛି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବାବେଳେ ଏହାର ମୁକାବିଲା ନିମନ୍ତେ ଯୋଜନାବଦ୍ଧ ପ୍ରାକ୍ ପ୍ରସ୍ତୁତି ଅନିର୍ବାଯ୍ୟ । କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ ଏହି ସମାରୋହରେ ଯୋଗ ଦେଇ ୧୯୯୯ ମସିହାରେ ସଂଘଟିତ ମହାବାତ୍ୟାର କରୁଣ ଚିତ୍ର ଉପସ୍ଥାପନ କରି ସଚେତନତା ଓ ପ୍ରାକ୍ ପ୍ରସ୍ତୁତି ବଳରେ କିପରି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରାଯାଇପାରିଛି ସେ ସଂପର୍କରେ ଆଲୋଚନା କରିଥିଲେ । ଆପତ୍‌କାଳୀନ ଅଧିକାରୀ ଶ୍ରୀମତୀ ସୁରଂଜିକା ବେହେରା, ଭାଷଣ ପ୍ରସଙ୍ଗରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପ୍ରଶମନ ଉପରେ ବିଶଦ୍ ଭାବେ ଆଲୋଚନା କରି ଯେ କୌଣସି ପରିସ୍ଥିତିରେ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତଙ୍କଠାରେ ଗଭୀର ଆତ୍ମବିଶ୍ୱାସ ଓ ଦୃଢ ଇଚ୍ଛାଶକ୍ତି ରହିବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ଉପ ନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ, ସଂଜୀବ ବାରିକ ସ୍ୱାଗତ ସମ୍ଭାଷଣ କରିବା ସହ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ । ଶେଷରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ଜିଲ୍ଲା ପ୍ରକଳ୍ପ ଅଧିକାରୀ ମହେନ୍ଦ୍ର କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିପର୍ଯ୍ୟୟ ପ୍ରସ୍ତୁତିପାଇଁ ଶପଥପାଠ କରାଯାଇଥିଲା । ଭାରତୀୟ ରେଡକ୍ରସ୍ ସଂସ୍ଥା କେନ୍ଦୁଝର ଜିଲ୍ଲା ଶାଖାର ଯୁଗ୍ମ ସମ୍ପାଦକ ଏ.ଆର୍. ଖାନ୍ ଜିଲ୍ଲା ଆପତକାଳୀନ କାର୍ଯ୍ୟାଳୟର କର୍ମଚାରୀ ଦୟାନିଧି ସେଠୀ, ମହମ୍ମଦ ସାହାନୱାଜ୍ , ସତ୍ୟବତୀ ଲାଗୁରୀ, ମାନସ ରଂଜନ ଜେନା, ସନ୍ଦୀପ ପଟ୍ଟନାୟକ ଏବଂ ଜୟଦେବ ତାମୁଲିଆ କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

ଉପ ନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ , କେନ୍ଦୁଝର